# ପଶ୍ଚିମ ଓଡ଼ିଶା

## ହାଇକୋର୍ଟଙ୍କ ନିର୍ଦ୍ଦେଶରେ ସରକାରୀ ଜମିରୁ ଉଚ୍ଛେଦ
### ବୁଲ୍‌ଡୋଜର ଚଳାଇ ଭଙ୍ଗାଗଲା ବେଆଇନ ନିର୍ମାଣ



**ଖପ୍ରାଖୋଲ(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା ଲାଠୋର ଥାନା ଅଧୀନ ଜାମଚୁଆଁ ଗ୍ରାମରେ ସରକାରୀ ଜମି ଉପରେ ନିର୍ମିତ ଏକ ବେଆଇନ ଘରକୁ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସୂଚନା ଅନୁଯାୟୀ, ଜାମଚୁଆଁ ଗ୍ରାମର ସତ୍ୟନାରାୟଣ ପଣ୍ଡା ନିଜ କାକା ଲିଙ୍ଗରାଜ ପଣ୍ଡାଙ୍କ ଘର ସମ୍ମୁଖରେ ଥିବା ସରକାରୀ ଜାଗା ଉପରେ ଘର ନିର୍ମାଣ କରିଥିଲେ। ଏହା ଫଳରେ ଲିଙ୍ଗରାଜ ପଣ୍ଡାଙ୍କ ଦୈନନ୍ଦିନ ଯାତାୟାତ ଓ ଆସାଯାଆରେ ଗୁରୁତର ଅସୁବିଧା ସୃଷ୍ଟି ହେଉଥିଲା। ନ୍ୟାୟ ପାଇଁ ସେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ପିଟିସନ ଦାଖଲ କରିଥିଲେ। ମାମଲାର ଶୁଣାଣି ପରେ ମାନ୍ୟବର ହାଇକୋର୍ଟ ସରକାରୀ ଜମି ଉପରେ ହୋଇଥିବା ଦଖଲକୁ ହଟାଇବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଆଧାରରେ ଶୁକ୍ରବାର ବେଲପଡ଼ା ଅତିରିକ୍ତ ତହସିଲଦାର ଅମିତ ଦ୍ୱିବେଦୀ ମାଜିଷ୍ଟ୍ରେଟ ଭାବେ ଜାମଚୁଆଁ ଗ୍ରାମରେ ପହଞ୍ଚି ଉଚ୍ଛେଦ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ପ୍ରଶାସନ ବୁଲଡୋଜର ସହାୟତାରେ ସରକାରୀ ଜମି ଉପରେ ନିର୍ମିତ ଘରକୁ ଭଙ୍ଗି ଦେଇଥିଲା। ଏହି ଉଚ୍ଛେଦ କାର୍ଯ୍ୟରେ ଖପ୍ରାଖୋଲ ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ଲାଠୋର ଥାନା ଅଧିକାରୀ ଅବିନାଶ ପ୍ରଧାନଙ୍କ ସମେତ ରାଜସ୍ୱ ଓ ପୋଲିସ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଚ୍ଛେଦ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ସରକାରୀ ଜମି ଦଖଲ ବିରୋଧରେ ପ୍ରଶାସନର କଡ଼ା ଆଭିମୁଖ୍ୟକୁ ପୁଣିଥରେ ସ୍ପଷ୍ଟ କରିଛି।

## ପାଟଣେଶ୍ୱର ମନ୍ଦିର ଗମ୍ଭୀରା ଘର ଉନ୍ନତିକରଣ ପାଇଁ ବିଧାୟକଙ୍କୁ ଦାବିପତ୍ର

**ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗୀର ପାଟଣା ରାଜ୍ୟ ଇଷ୍ଟଦେବୀ ମା' ପାଟଣେଶ୍ୱରୀ ମନ୍ଦିର ୧୮୭୨ ମସିହାରେ ବଲାଙ୍ଗୀର ରାଜଧାନୀ ସ୍ଥାପନ ହୋଇଥିଲା । ମନ୍ଦିରକୁ ୧୫୩ ବର୍ଷ ପୂର୍ତ୍ତି ହୋଇଯାଇଛି । ୧୯୦୦ ମସିହାରେ ମହାରାଜ ଦଳଗଞ୍ଜନ ସିଂଦେଓ ମନ୍ଦିର ପୁନଃ ନିର୍ମାଣ କରିଥିଲେ । ରାଜ୍ୟର ଇଷ୍ଟଦେବୀ ରୂପେ ପୂଜା ପାଇ ଆସୁଥିବା ବେଳେ ନୂଆଁଖାଇ, ଦଶହରା ସମୟରେ ବିଭିନ୍ନ ରାଜନୈତିକ ଦଳ ମନ୍ତ୍ରୀ ଠାରୁ ବିଧାୟକମାନେ ମାଁ ଙ୍କ ଆଶିର୍ବାଦ ଲାଭ କରିଥାଆନ୍ତି । ବଲାଙ୍ଗିର ର ଦୀର୍ଘ ଦିନର ଭକ୍ତମାନଙ୍କ ଦାବିରେ ୨୦୨୩ ରେ ପୂର୍ବତନ ସରକାର ୧ କୋଟି ୩୫ ଲକ୍ଷ ଟଙ୍କା ଅନୁଦାନ ମନ୍ଦିର ପ୍ରକଳ୍ପ ଓ ସୌନ୍ଦର୍ଯ୍ୟକରଣ ପାଇଁ ଅନୁଦାନ ଆସିଥିଲା । ଦୀର୍ଘ ୩ ବର୍ଷ ପରେ ଏହା ସମ୍ପୂର୍ଣ୍ଣ ହେବା ପାଇଁ ଯାଉଛି । ଭୋଗ ମଣ୍ଡପ, ରୋଷେଇ ଶାଳ, ଯଜ୍ଞ ମନ୍ଦିର, ଦୀପ ଘର, ସେବାୟତଙ୍କ ପାଇଁ ବିଶ୍ରାମଗାର ଓ ପରିକ୍ରମା ପ୍ରକଳ୍ପ ଡିପିଆର ରେ ସ୍ଥାନ ପାଇଥିଲା । ମୁଖ୍ୟ ଦ୍ୱାର ଖାଣ୍ଡୋଲାଇଟ ପଥର ଲଗେଇବା ଓ ପଥରର ସିଂହ ପାଇଁ ଡିପିଆର ରେ ପ୍ରସ୍ତାବ ଥିଲା । ଅନୁଦାନ କମି ଯାଇଥିବାରୁ ଏହା ରଙ୍ଗ ଓ ଚୁନ ପଥରରେ ନିର୍ମାଣ ହୋଇଛି ଏବଂ ମୁଖ୍ୟ ଦ୍ୱାରରେ ବର୍ଷ ନ ପୁରୁଣୁ ସିମେଣ୍ଟ ଚଟାଣ ଖସିଯାଇଥିବାରୁ ତଦାରଖ ପାଇଁ ଦାବି କରିଥିଲେ । ମା'ପାଟଣେଶ୍ୱରୀ ଦେବି ମୁଖ୍ୟ ଗମ୍ଭାର ଘର ଦିର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଗମ୍ବୁଜରୁ ବର୍ଷା ପାଣି ପ୍ରବେଶ ହେଉଛି ଏବଂ ମା'ଙ୍କ ପ୍ରତିମୂର୍ତ୍ତିରେ ଚୁନ ପଥର ଖସୁଛି ।୧୯୯୨ ମସିହାରେ ନିର୍ମାଣ ହୋଇଥିବା ମାଁ ଙ୍କ ପରଭା ଭଗ୍ନ ଅବସ୍ଥାରେ ଅଛି ତାହାକୁ ନୂତନ ଭାବେ ନିର୍ମାଣ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଆଜି ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ଦେବାଳୟ ଐତିହ୍ୟ ସୁରକ୍ଷା କମିଟିର ନେତୃତ୍ୱମାନେ ଯାଇ ଦାବିପତ୍ର ପ୍ରଦାନ କରିଥିଲେ । ସଂପାଦକ ପ୍ରଶାନ୍ତ ମହାକୁର ଙ୍କ ନେତୃତ୍ୱରେ ଭବାନୀ ଶଙ୍କର ଭୋଇ, କୋଷାଧକ୍ଷ ରିଣ୍ଟୁ ସାହୁ, ସହ-ସଂପାଦକ ଯୁଧିଷ୍ଠି ମେହେର, ବିଭୁ କଲ୍ୟାଣ ଗଡତ୍ୟା, ସ୍ୱୟଂ ଶେଖର ସାମଲ ସାମିଲ ଥିଲେ । ବିଧାୟକ ପ୍ରତିଶୃତି ଦେଇଛନ୍ତି ରତ୍ନତତ୍ୱ ବିଭାଗ ଏହାକୁ ତଦାରଖ କରିବେ ଏବଂ ପିଡବ୍ଲୁ ବିଭାଗ ଏଷ୍ଟିମେଟ କରି ସ୍ୱତନ୍ତ୍ର ଡବ୍ଲୁଡିସି ଫଣ୍ଡରୁ ଅନୁଦାନ ପ୍ରଦାନ କରିପାଇଁ ପ୍ରତିଶୃତି ଦେଇଛନ୍ତି ।



## ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ପାଇଁ ପ୍ରମୋଦ ମିଶ୍ରଙ୍କ ଆହ୍ୱାନ

**ବଲାଙ୍ଗୀର(ଅମୃତ ମିଡିଆ):** ଓଡିଶା ଶାସନକୁ ୨ ବର୍ଷ ପୁରିଗଲା । ଏଥି ପାଇଁ ବିଜେପି ଦଳକୁ ଅଭିନନ୍ଦନ । ଦୀର୍ଘ ଦିନର ପ୍ରୟାସ ପରେ ଗତ ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ଓଡିଶାରେ ୨୪ ବର୍ଷର ବିଜେଡି ସରକାର କୁ ପଦଚ୍ୟୁତ କରିବାରେ ସକ୍ଷମ ହେଲା । ଏଭଳିକି ଓଡିଶାର ସମସ୍ତ ଲୋକସଭା ଆସନ ମଧ୍ୟ ହାତେଇବାରେ ବିଜେପି ସକ୍ଷମ ହେଲା । ବିଜେପି ର ଏଭଳ ମେଗା ସଫଳତାରେ ବିଗତ ଦଶନ୍ଧି ଧରି ଯେଉଁମାନେ ଗଣତାନ୍ତ୍ରିକ ରୂପେ ବିଭିନ୍ନ ସମସ୍ୟାକୁ ନେଇ ଲଢେଇ କରୁଥିଲେ ସମସ୍ତଙ୍କର ଭୂମିକା ଥିଲା । ବିଶେଷ କରି କୋଶଳାଂଚଳରେ ବିଜେପି ଯେଉଁ ଅଭୁତପୂର୍ବ ସଫଳତା ହାସଲ କଲା ସେଥିରେ ୧୯୯୮ ମସିହାରୁ ଆରମ୍ଭ ହୋଇଥିବା "କୋଶଳ ମୁକ୍ତି ଆନ୍ଦୋଳନ" ର ପରୋକ୍ଷ ଭାବରେ ବହୁତ ବଡ ଭୂମିକା ଥିଲା । ଯେଉଁ ଭଳି ଭାବରେ କୋସଳ ରାଜ୍ୟ ଗଠନର ଦାବି ଏ ଅଂଚଳର ଭାଷାର ମାନ୍ୟତା ର ଦାବି, ହାଇକୋର୍ଟ ବେଂଚ ସ୍ଥାପନର ଦାବି କିମ୍ବା ଅନ୍ୟାନ୍ୟ ଦାବିକୁ ତତ୍‌କାଳିନ ସରକାର ନଜରଅନ୍ଦାଜ କରିଥିଲା। କୋସଳାଂଚଳ ଜନ ସାଧାରଣ ସେଥିପାଇଁ ତତ୍‌କାଳିନ ସରକାର ଉପରେ କ୍ଷୁବ୍ଧ ଥିଲେ । ବିଶେଷ କରି କୋଭିଡ୍ ମହାମାରୀ ସମୟରେ ଯେଭଳି ଭାବରେ "ଅସାଂବିଧାନିକ" ରୂପେ ବନ୍ଦେ ଉତ୍କଳ ଜନନୀ କୁ ଜବରଦସ୍ତ ରାଜ୍ୟ ସଂଗୀତକୁ ମର୍ଯ୍ୟାଦା ଦିଆଗଲା ତାହା ମଧ୍ୟ କୋଶଳାଂଚଳର ୨ କୋଟି ଲୋକଙ୍କ ସ୍ୱାଭିମାନକୁ ଆଘାତ ଦେଇଥିଲା । ତେଣୁ ଏ ଅଂଚଳର ଲୋକେ ୨୦୨୪ ର ରାଜନୈତିକ ପରିବର୍ତ୍ତନରେ ବଡ ଭୂମିକା ଗ୍ରହଣ କରିଥିଲେ । କିନ୍ତୁ ବିଗତ ୨ ବର୍ଷର ବିଜେପି ସରକାର ଙ୍କ କାର୍ଯ୍ୟଶୈଳୀ ଓ ପ୍ରଦର୍ଶନକୁ ଦେଖି କୋଶଳବାସୀ ସଂପୂର୍ଣ୍ଣ ରୂପେ ହତାଶ ହୋଇପଡିଛନ୍ତି । ବିଶେଷ କରି ସଂବିଧାନର ଧାରା ୩ ଅନୁଯାୟୀ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ, କୋଶଲୀ (ସମ୍ବଲପୁରୀ) ଭାଷାର ମର୍ଯ୍ୟାଦା, ହାଇକୋର୍ଟର ସ୍ଥାୟୀ ବେଂଚ ସ୍ଥାପନ, ଗନ୍ଧମାର୍ଦ୍ଦନ କୁ ଜାତୀୟ ସମ୍ପତ୍ତି ରୂପେ ଘୋଷଣା ପ୍ରଭୃତି ପ୍ରସଙ୍ଗରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ରୂପେ ନିରବ । ଏହାଛଡା ଋଷୀ ଆତ୍ମହତ୍ୟ, ମଣ୍ଡି ସମସ୍ୟା, ଅଭାବୀ ବିକ୍ରି ସମସ୍ୟା, ଦାଦନ ଶ୍ରମିକ ସମସ୍ୟା, ବେକାରୀ ସମସ୍ୟା, ସ୍ଥାନୀୟ ନିଯୁକ୍ତି ସମସ୍ୟା, ମାତୃ ଓ ଶିଶୁ ମୃତ୍ୟୁହାର ବୃଦ୍ଧି ସମସ୍ୟା ଆଦି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତା ଆହୁରି ହତାଶା ଓ କ୍ଷୋଭ ସୃଷ୍ଟି କରିଛି । ଏଥି ସହିତ ଦୁର୍ନିତି ଓ ଅପରାଧ ରେ ବୃଦ୍ଧି ଓ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ସେଥିରେ ସଂପୃକ୍ତି ବହୁ ମାତ୍ରାରେ ବଢି ଚାଲିଛି । ନିକଟ ଅତିତରେ ଟାଟା ପାୱାର ର ପାୱାର କଟ ଓ ଅତ୍ୟାଚାରକୁ ଦମନ କରିବାରେ ସରକାରୀ ବିଫଳତା, ବଲାଙ୍ଗିର କିମ୍ବା କେବିକେ ଅଂଚଳରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ଦିଗରେ ସରକାରଙ୍କ ସ୍ଥାଣୁତା, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଆଦି ଦିଗରେ ସରକାରୀ ବିଫଳତା, ବନ୍ଦ ଶିଳ୍ପ ଚାଲୁ କରିବାରେ ତଥା ଜଳ, ଜମି ଓ ଜଙ୍ଗଲ ର ସୁରକ୍ଷା ଦିଗରେ ସରକାରଙ୍କ ବିଫଳତା ଲୋକଙ୍କ ଭିତରେ ବହୁ ପ୍ରତିକ୍ରିୟା ସୃଷ୍ଟି କରିଛି । ନେତା, ମନ୍ତ୍ରୀମାନେ ଖାଲି ବାହାସ୍ଫୋଟ ଓ ରାଜକୀୟ ବ୍ୟବହାର କରୁଥିବାରୁ ଓ ଅବାସ୍ତବ କଥା କହି ବିବାଦ ସୃଷ୍ଟି କରୁଥିବାରୁ ତଥା ରାଜନୈତିକ ଚାନ୍ଦା ଆଦାୟ ଭଳି ସମସ୍ୟା ପାଇଁ ସରକାର ପ୍ରତି ଲୋକେ ଅଙ୍ଗୁଳି ପ୍ରଦର୍ଶନ କଲେଣି । ତେଣୁ ବିଜେପିକୁ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱାଗତ ଜଣାଇବା ସଙ୍ଗେ ସରକାର ତୁରନ୍ତ ଆତ୍ମ ମନ୍ଥନ କରି ଏହି ସବୁ ସମସ୍ୟାର ସ୍ଥାୟୀ ଓ ତୁରନ୍ତ ସମାଧାନ କରନ୍ତୁ ବୋଲି କୋସଲ ରାଜ୍ୟ ସମନ୍ୱୟ ସମିତି ର କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ କୁମାର ମିଶ୍ର ଦାବି କରିଛନ୍ତି । ସେ ମାନ୍ୟବର ପ୍ରଧାନମନ୍ତ୍ରୀ ଙ୍କୁ ଓ ବିଜେପି ଅଧକ୍ଷ ତଥା ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ନେତୃତ୍ୱଙ୍କୁ ଶିଘ୍ର ଏ ମାମଲାରେ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିବା ସହ ଅନ୍ୟଥା ଆଗାମୀ ଦିନରେ ବିଶାଳ ଜନ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ।

## ଆନ୍ତଃଜିଲ୍ଲା ଗଞ୍ଜେଇ ମାଫିଆ ଗିରଫ



ଦଶପଲ୍ଲା(ଅମୃତ ମିଡିଆ): ଅଞ୍ଚଳରେ ବେଆଇନ ଗଞ୍ଜେଇ ଚୋରା ଚାଲାଣ ଏବଂ ନିଶା କାରବାରର ଚେର କାଟିବା ପାଇଁ ବାଣିଗୋଛା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ଦୀର୍ଘ ଦିନ ଧରି ପୋଲିସ ଆଖିରେ ଧୂଳି ଦେଇ ଫେରାର ଥିବା ଜଣେ ଆନ୍ତଃ-ଜିଲ୍ଲା ଗଞ୍ଜେଇ ମାଫିଆକୁ ବାଣିଗୋଛା ପୋଲିସ ସ୍ୱତନ୍ତ୍ର ଜାଲ ବିଛାଇ ଗିରଫ କରିଛି। ବାଣିଗୋଛା ଥାନା ଆଇଆଇସି ଦିଲ୍ଲୀପ ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଦକ୍ଷ ଗୋଇନ୍ଦା ସୂଚନା ଆଧାରରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଫିରିଙ୍ଗିଆ ଅଞ୍ଚଳରେ ଚଢ଼ାଉ କରି ଗଞ୍ଜେଇ ଚୋରା ଚାଲାଣର ମୁଖ୍ୟ ଅଭିଯୁକ୍ତ ଦେବାଶିଷ ଧଳ (ପିତା: ସନ୍ତୋଷ ଧଳ, ସାକିନ: ପିଅନପଡ଼ା, ଫୁଲବାଣୀ)କୁ କାବୁ କରିବାରେ ସଫଳ ହୋଇଛି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଦେବାଶିଷ ବାଣିଗୋଛା ଥାନା ମାମଲା ନମ୍ବର ୩୯/୨୪ (ଘଉଚଝ ଇମତ୍ୱ) ଅଧୀନରେ ଥିବା ଏକ ବଡ଼ ଧରଣର ଗଞ୍ଜେଇ ଚୋରା ଚାଲାଣ ମାମଲାରେ ସମ୍ପୃକ୍ତ ଥିଲେ। ମାମଲା ରୁଜୁ ହେବା ଦିନଠାରୁ ସେ ଗିରଫଦାରୀ ଏଡାଇବା ପାଇଁ ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରିଥିଲେ। ତେବେ ଆଇଆଇସି ଶ୍ରୀ ଧଳଙ୍କ ରଣନୀତି ଆଗରେ ଅଭିଯୁକ୍ତର ସମସ୍ତ ଚାଲାକି ଫେଲ ମାରିଛି। ଗତକାଲି (୧୨.୦୬.୨୦୨୬) ତାଙ୍କୁ ଫିରିଙ୍ଗିଆରୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି। ଅଞ୍ଚଳରେ ଗଞ୍ଜେଇ କାରବାରକୁ ସମ୍ପୂର୍ଣ୍ଣ ରୂପେ ନିପାତ କରିବା ପାଇଁ ବାଣିଗୋଛା ପୋଲିସର ଏହି କାର୍ଯ୍ୟାନୁଷ୍ଠାନ ଆଗକୁ ମଧ୍ୟ ଅଧିକ ଜୋରଦାର ହେବ ବୋଲି ଆଇଆଇସି ଦିଲ୍ଲୀପ ଧଳ ଚେତାବନୀ ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ବିକଶିତ ଓଡ଼ିଶା-୨୦୩୬ ସମ୍ମିଳନୀ





**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ସ୍ଥିତ ଟାଉନ୍ ହଲ୍‌ଠାରେ ଶନିବାର 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅବସରରେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ "ବିକଶିତ ଓଡ଼ିଶା-୨୦୩୬" ଉପରେ ଏକ ଜିଲ୍ଲାସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନୀରେ ପ୍ରାୟ ୩୫୦ଜଣ ବୁଦ୍ଧିଜୀବୀ, ବିଭିନ୍ନ ବିଭାଗର କର୍ମଚାରୀ ମାନଙ୍କର ଜନ ସମାବେଶ ହୋଇଥିଲା । ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ସଶକ୍ତ ଓ ବିକଶିତ ଓଡ଼ିଶା ଗଠନ ନିମନ୍ତେ ଦୀର୍ଘମିଆଦୀ ଦୃଷ୍ଟିକୋଣ, ପ୍ରାଥମିକତା ଓ ବିକାଶ ରୋଡ୍‌ମ୍ୟାପ ଉପରେ ଆଲୋଚନା କରିବା ଏହି ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ଲୋକସଭା ଶ୍ରୀମତୀ ମାଳବିକା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପବନ କୁମାର ଅଗ୍ରୱାଲ, ରେଜିଷ୍ଟ୍ରାର ଡ. ଗୁଣନିଧି ନାଏକ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ କେଦାର ସିଂ ବରିହା, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଥୁଆମୂଳ ରାମପୁର ବିଡିଓ ଧ୍ରୁବ ଚରଣ ମୁଦୁଲି ଏବଂ ମଦନପୁର ରାମପୁର ବିଡିଓ ଶରତ କୁମାର ସେଠୀଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ, କ୍ଷେତ୍ରସ୍ତରୀୟ କର୍ମଚାରୀମାନେ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ । ସମ୍ମିଳନୀରେ ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ପଦକ୍ଷେପ, ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ମାଧ୍ୟମରେ କଳାହାଣ୍ଡି ଜିଲ୍ଲାରେ ହାସଲ ହୋଇଥିବା ସଫଳତା, ତୃଣମୂଳ ସ୍ତରରେ ସରକାରୀ ଯୋଜନାର ପ୍ରଭାବ ଏବଂ ଭବିଷ୍ୟତ ବିକାଶର ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲ୍ଲାର ବିକାଶମୂଳକ ଆକାଂକ୍ଷା, କ୍ଷେତ୍ରଭିତ୍ତିକ ପ୍ରାଥମିକତା, ବିଭିନ୍ନ ଚ୍ୟାଲେଞ୍ଜ, ସୁଯୋଗ ଏବଂ "ବିକଶିତ ଓଡ଼ିଶା-୨୦୩୬" ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ ରଣନୀତି ଉପରେ ମତ ବିନିମୟ କରାଯାଇଥିଲା । ସମାବେଶୀ ବିକାଶ, ମାନବ ସମ୍ପଦ ବିକାଶ, ଭିତ୍ତିଭୂମି ସୁଦୃଢ଼ୀକରଣ, ଜୀବିକା ଉନ୍ନୟନ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସରକାରୀ ଯୋଜନାଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ଜନସାଧାରଣଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ ଏବଂ ସରକାରୀ ଯୋଜନାର ସଫଳତାକୁ ଘରେ ଘରେ ପହଞ୍ଚାଇବା ପାଇଁ ଜିଲ୍ଲା ଓ ବ୍ଲକ ସ୍ତରରେ ଆୟୋଜିତ ହେଉଥିବା ଜନସମ୍ପର୍କ ଏବଂ ସିଟିଜେନ୍ ଏନ୍?ଗେଜମେଣ୍ଟ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା । ଅତିଥିମାନେ ଏକ ବିକଶିତ ଓଡ଼ିଶା ଗଠନରେ ସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ସ୍ଥାନୀୟ ପ୍ରଶାସନର ସକ୍ରିୟ ସହଭାଗିତାର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ ।

## ବିଧାୟକ କଳିକେଶଙ୍କ ପ୍ରତାପସାଗର ଓ ମହାରାଣୀସାଗର ପୁନରୁଦ୍ଧାର କାର୍ଯ୍ୟ ସମୀକ୍ଷା
### ଜଳନିଷ୍କାସନ ବ୍ୟବସ୍ଥା ନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା

**ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗୀର ସହରର ଐତିହାସିକ ପ୍ରତାପସାଗର ଓ ମହାରାଣୀ ସାଗର ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମୀକ୍ଷା ପାଇଁ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଆଜି ପୌରାଧକ୍ଷା ଲିକା ସାହୁଙ୍କ ସହ ସ୍ଥଳ ପରିଦର୍ଶନ କରିଥିଲେ । ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବା ପରେ ଏହା ତାଙ୍କର ଦ୍ୱିତୀୟ ପରିଦର୍ଶନ ଥିଲା । ପ୍ରତାପସାଗର ପରିଦର୍ଶନ ସମୟରେ ବିଧାୟକ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ରୁଗୁଡିପଡା ଅଞ୍ଚଳରୁ ଆସୁଥିବା ବର୍ଷାଜଳ ବନ୍ଧ ମଧ୍ୟକୁ ପ୍ରବେଶ ନକରି ଭିନ୍ନ ମାର୍ଗରେ ନିଷ୍କାସନ ହେବା ପାଇଁ ସ୍ଥାନୀୟ ବାସିନ୍ଦାମାନେ ଦାବି ରଖିଥିଲେ। ବର୍ଷା ଋତୁ ଆସିଥିବାରୁ ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଧାୟକ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତାପସାଗରରେ ଦୀର୍ଘଦିନ ଧରି ଜମି ରହିଥିବା ବିପୁଳ ପରିମାଣର ପଙ୍କକୁ ପୌରପାଳିକା ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉତ୍ତୋଳନ କରାଯାଇଛି । ଏହି କାର୍ଯ୍ୟ ସମୟରେ କିଛି ସ୍ଥାନରେ ରାସ୍ତା ଉପରେ ମାଟି ପଡିଥିବା ନେଇ ଉଠିଥିବା ଅଭିଯୋଗ ପ୍ରସଙ୍ଗରେ ପୌରାଧକ୍ଷା ଲିକା ସାହୁ ସାମୟିକ ଅସୁବିଧାକୁ ସହଯୋଗର ମନୋଭାବ ସହ ଗ୍ରହଣ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ବିଧାୟକ ମଧ୍ୟ ସହରର ଦୀର୍ଘମିଆଦି ଉନ୍ନୟନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିବା ବେଳେ ବନ୍ଧ ଗୁଡିକର ସୁରକ୍ଷା ପାଇଁ ସମସ୍ତ ପଡାରେ ଏକଏକ ବରିଷ୍ଠ ନାଗରିକ ମାନଙ୍କୁ ନେଇ ସୁରକ୍ଷା କମିଟି ଗଠନ କରିବାକୁ ପୌରପରିଷଦକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ବିଧାୟକ ମହାରାଣୀସାଗର ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ । ଦୁଇ ବର୍ଷ ପୂର୍ବରୁ ଏଠାରେ ହୋଇଥିବା ମାଟି ଉନ୍ନୟନ କାର୍ଯ୍ୟର ସକାରାତ୍ମକ ଫଳାଫଳ ଏବେ ଦୃଶ୍ୟମାନ ହୋଇଛି । ସାଗରରେ ସ୍ୱଚ୍ଛ ଓ ନିର୍ମଳ ଜଳ ସଂରକ୍ଷିତ ରହିଥିବାବେଳେ ପ୍ରତିଦିନ ହଜାର ହଜାର ଲୋକ ଏହାର ସୁବିଧା ଉପଭୋଗ କରୁଛନ୍ତି । ଖରାଦିନରେ ମଧ୍ୟ ଲୋକମାନେ ଥଣ୍ଡା ଜଳରେ ସ୍ନାନ କରୁଥିବା ଦେଖି ବିଧାୟକ ସନ୍ତୋଷ ବ୍ୟକ୍ତ କରିଥିଲେ । ମହାରାଣୀସାଗରରେ ବାହାର ଜଳ ପ୍ରବେଶ ରୋକିବା ପାଇଁ ଏକ ବଡ଼ ଡ୍ରେନ ନିର୍ମାଣ କାର୍ଯ୍ୟ ଚାଲିଛି । ଉପରମୁଣ୍ଡରୁ ନାଳ ଦେଇ ଆସୁଥିବା ପାଣିକୁ ସାଗର ଭିତରକୁ ନପଠାଇ ତଳମୁଣ୍ଡ ପର୍ଯ୍ୟନ୍ତ ନେବା ପାଇଁ ଏହି ବ୍ୟବସ୍ଥା କରାଯାଉଛି । ବର୍ତ୍ତମାନ ଏହି ଡ୍ରେନର କଂକ୍ରିଟକରଣ କାମ ଚାଲିଥିବା ବିଧାୟକ ଅନୁଧାନ କରିଥିଲେ । ଏହି ପରିଦର୍ଶନ ସମୟରେ ଉପାଧକ୍ଷା ଗାୟତ୍ରୀ ଭୋଇ, କାଉନସିଲର ଗାଙ୍ଗାଧର ଚାନ୍ଦ, ଶମ୍ଭୁ ନାଗ, ଶତ୍ରୁଘ୍ନ ବାଗ, ନନ୍ଦିନୀ ପୋଢ଼, ସନ୍ତୋଷିନୀ ପୋଢ଼, ବରିଷ୍ଠ ନେତା ବିଧୁଭୂଷଣ ତ୍ରିପାଠୀ, ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ, ମିଡିଆ ସେଲ ସଦସ୍ୟ ବିଭୂତିଭୂଷଣ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଜନପ୍ରତିନିଧି ଓ କର୍ମୀମାନେ ଉପସ୍ଥିତ ଥିଲେ ।



## ମାରୱାଡ଼ି ଯୁବମଞ୍ଚ ପକ୍ଷରୁ ରକ୍ତଦାନ ଶିବିର
### ■ ୩୬ ୟୁନିଟ୍ ରକ୍ତ ସଂଗ୍ରହ




**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡାରେ ମାରୱାଡ଼ି ଯୁବମଞ୍ଚ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଙ୍ଗୋମୁଣ୍ଡା ମାରୱାଡ଼ି ଯୁବାମଞ୍ଚର ସଭାପତି ମନୁଆ ଅଗ୍ରୱାଲଙ୍କ ନେତୃତ୍ୱରେ ମାରୱାଡ଼ି ଯୁବାମଞ୍ଚର ରାଜ୍ୟ ସଭାପତି ଅଜୟ ଶର୍ମା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାତାମାନେ ରକ୍ତଦାନ କରିଥିବାରୁ କଣ୍ଟାବାଞ୍ଜି ବିଧାୟକ ତାଙ୍କର ପ୍ରଶଂସା କରିବା ସହ ଏହି ରକ୍ତଦାନ କରିଥିବା ମହିଳାମାନେ ଅନ୍ୟମାନଙ୍କ ପାଇଁ ଗୋଟିଏ ଉଦାହରଣ ବୋଲି ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ । ପ୍ରଚଣ୍ଡ ଖରାରେ ରକ୍ତର ଅଭାବ ଦେଖିବାକୁ ମିଳେ ରକ୍ତଭଣ୍ଡାରରେ ସେହି ସମୟରେ ଏହି ରକ୍ତଦାନ ପ୍ରାୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହି ଶିବିରରେ ୩୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । କଣ୍ଟାବାଞ୍ଜି ରକ୍ତଭଣ୍ଡାର କର୍ମଚାରୀ ଶିବକୁମାର ସାହୁ, ଗଜପତି ବେହେରା, ଗୁରୁବାରୁ ରଣା, ପ୍ରଶାନ୍ତ ସାହୁ, ପ୍ରଦୀପ ମହାପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏଥିରେ ମହାମନ୍ତ୍ରୀ ଚେତନ ଟିପଦେବାଲ, ମାରୱାଡ଼ି ଯୁବା ମଞ୍ଚର ସମ୍ପାଦକ ଆନନ୍ଦ ଅଗ୍ରୱାଲ, କୋଷାଧକ୍ଷ ସଙ୍ଗମ ଜୈନ, ସଂଯୋଜକ ଅମନ ଜୈନ (କାହ୍ନା), ସୁମିତ ଜୈନ, ବିନୀତ ଅଗ୍ରୱାଲ, ଗୌତମ ଜୈନ, ଶୁଭମ ଅଗ୍ରୱାଲ ପ୍ରମୁଖଙ୍କ ସହ ବହୁ ସଦସ୍ୟମାନେ ସହଯୋଗ କରିଥିଲେ ।